# ଜିଲ୍ଲା ପରିଷଦର ୫୦ ତମ ସାଧାରଣ ବୈଠକ ଅନୁଷ୍ଠିତ -

## ଶିକ୍ଷା,ସ୍ୱାସ୍ଥ୍ୟ,ପାନୀୟ ଜଳ,ଧାନ ସଂଗ୍ରହ ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୧୮.୧୨:- ଜିଲ୍ଲା ପରିଷଦର ୫୦ ତମ ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆଜି ପୂର୍ବାହ୍ନରେ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁନିଲ କୁମାର ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ପରେଶ ଦେଓ ଓ ଅନୁଗୋଳ ବିଧାୟକ ତଥା ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ବାଉରୀବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନାର ସୁଫଳ କିପରି ଲୋକମାନଙ୍କ ନିକଟରେ ପହଂଚିବ ସେଥିପାଇଁ ବିଭାଗୀୟ ଅଧିକାରୀ ନିର୍ବାଚିତ ଲୋକପ୍ରତିନିଧିଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ବିଭିନ୍ନ କାର୍ଯ୍ୟକାରୀ ଯୋଜନାର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ବୈଠକର କାର୍ଯ୍ୟସୁଚୀ ଉପସ୍ଥାପନା କରିବା ସହ ପୂର୍ବ ସଭାରେ ନିଆଯାଇଥିବା ନିଷ୍ପତ୍ତିର ଅନୁପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହାଛଡା ଗଠିତ ହୋଇଥିବା ୫ଟି ଷ୍ଟାଣ୍ଡିଂ କମିଟିର ନିଷ୍ପତ୍ତି ଗୁଡିକୁ ଆଲୋଚନା ନିମନ୍ତେ ଉପସ୍ଥାପନା କରିଥିଲେ । ପୂର୍ବ ସଭାର ଅଧିକାଂଶ ନିଷ୍ପତ୍ତି ଓ ପ୍ରସ୍ତାବ ଚଳିତ ସଭାର କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିବାରୁ ସଦସ୍ୟ ସଦସ୍ୟାମାନେ କ୍ଷୋଭ ପ୍ରକାଶ କରିଥିଲେ । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହିତାଧିକାରୀ ମାନେ ସେମାନଙ୍କର ଶ୍ରମ ଦିବସର ଅର୍ଥ ପାଇ ନଥିବା ସମ୍ପର୍କରେ ସଦସ୍ୟ ମାନେ ଗୃହରେ ତଥ୍ୟ ଉପସ୍ଥାପନା କରିଥିଲେ । ଜିଲ୍ଲାର କିଛି ଉପାନ୍ତ ଅଂଚଳରେ ପାନୀୟ ଜଳ ବ୍ୟବସ୍ଥା ନ ଥିବା ସମ୍ପର୍କରେ ଗୃହରେ ତଥ୍ୟ ଉପସ୍ଥାପନା ହୋଇଥିଲା । ରୋଗୀଙ୍କୁ କଟକ ବଡ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନସ ଓ ଔଷଧ ମାଗଣାରେ ଯୋଗାଇ ଦେବା, ଚଷା ଗୁରୁଜାଂଗ ଓ ସହର ଗୁରୁଜାଂଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ମରାମତି, ପାଲଲହଡା ବ୍ଲକରେ ଲୁହା ଲଂଗଳ ବିକ୍ରି ବାବଦରେ ୧୮୦ ଟଂକା ବଦଳରେ ୨୦୦ ଟଂକା ନେଉଥିବା ସମ୍ପର୍କରେ ସଦସ୍ୟ ସଦସ୍ୟାମାନେ ଗୃହରେ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ । ଜିଲ୍ଲାର ଉପାନ୍ତ ଅଂଚଳ ଗୁଡିକରେ ରାସ୍ତା ନିର୍ମାଣ ସହ ପାନୀୟ ଜଳ ଯୋଗାଣ ଉପରେ ସଦସ୍ୟ ସଦସ୍ୟାମାନେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ୨୦୨୪ ମସିହା ସୁଦ୍ଧା ସମସ୍ତ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବ । ଓରେଡା ଦ୍ୱାରା ସୌରଶକ୍ତି ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଗୁଡିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କୃଷକମାନଙ୍କର ବିକାଶକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଧାନ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ସଦସ୍ୟାମାନେ ଗୁରୁତ୍ୱାରୋପ କରିଥିଲେ । ଧାନ ମଣ୍ଡି ଖୋଲିବା ଓ କୃଷକମାନଙ୍କର ଅନ୍ ଲାଇନ୍ ପଂଜିକରଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ୨୭ ହଜାର ୭୫୧ ଜଣ ଚାଷୀ ପଂଜିକରଣ କରିଛନ୍ତି । ସୃଷ୍ଟି ହୋଇଥିବା ବୈଷୟିକ ଯାନ୍ତ୍ରିକ ତ୍ରୁଟିରେ ସୁଧାର ଆଣି ତୁରନ୍ତ ଏହାକୁ ସମାଧାନ କଲେ ଅଧିକ ସଂଖ୍ୟାରେ ଚାଷୀମାନେ ପଂଜିକରଣ କରିପାରିବେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ

୨୦୧୯-୨୦ ଆର୍ଥିକ ବର୍ଷରେ E-FMS ମାଧ୍ୟମରେ ୩୦ ନଭେମ୍ବର ୨୦୧୯ ସୁଦ୍ଧା ରାଜ୍ୟ ନିଯୁକ୍ତି ନିଶ୍ଚିତ ପାଣ୍ଠିରୁ ୩୦୧୪.୩୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧୦ ଲକ୍ଷ ୬୨ ହଜାର ୫୮୧ଟି ଶ୍ରମ ଦିବସ ସୃଷ୍ଟି ହୋଇଛି । ପ୍ରତ୍ୟେକ ପଂଚାୟତରେ ଗୋଟିଏ ଲେଖାଏଁ ଖେଳ ପଡିଆ ପ୍ରତିଷ୍ଠା ହେବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ୨୦୧୯-୨୦ ନଭେମ୍ବର ସୁଦ୍ଧା ରାଜ୍ୟ ସରକାରଂକ ଠାରୁ ୯୬୮୯ ଟି ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ଥିଲା । ପ୍ରଥମ କିସ୍ତିରେ ୮୭୩୬ ଘର କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬୫୯ ଟି ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ବିଜୁ ପକ୍କା ଘର ୨୦୧୮-୧୯ ବର୍ଷରେ ଜିଲ୍ଲାକୁ ମୋଟ ୧୦୦୦ଟି ଗୃହ(ସ୍ୱତନ୍ତ୍ର) ପ୍ରାପ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ୮୩୯ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଓଡିଶା ଜିବିକା ମିଶନ ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ୟାଂକ ସଂଯୋଗୀକରଣ କାର୍ଯ୍ୟକ୍ରମରେ ସରକାରଂକଠାରୁ ଜିଲ୍ଲାକୁ ୬୧୭୧ଟି ସ୍ୱଂୟ ସହାୟକ ଗୋଷ୍ଠୀମାନଂକୁ ସଂଯୋଗୀକରଣ କରାଯାଇ ସୋମନଂକୁ ୮୫୪୫.୭୭ ଲକ୍ଷ ଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରହିଛି । ବୈଠକରେ କୃଷକମାନଂକ ହିତକୁ ଦୃଷ୍ଟିରେ ରଖି ସେମାନଂକର ଗୃହପାଳିତ ପଶୁମାନଂକ ପାଇଁ ଗୁହାଳ ତିଆରି କରିବା ନିମନ୍ତେ ସହାୟତା ଯୋଗାଇ ଦେବାକୁ ସଦସ୍ୟ ସଦସ୍ୟାମାନେ ଦାବୀ ଉପସ୍ଥାପନା କରିଥିଲେ । ସେହିପରି ଗ୍ରାମୀଣ ସ୍ୱୟଂ ରୋଜଗାର ତାଲିମ କେନ୍ଦ୍ର ଓ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକ ତଥ୍ୟ ଉପସ୍ଥାପନା କରିଥିଲେ । ବୈଠକରେ ସଦସ୍ୟମାନେ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଓ ସମସ୍ତ ଶିକ୍ଷାନୁଷ୍ଠାନକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପାଠ ପଢା ସମୟରେ ପିଲାମାନଂକୁ ବିଦ୍ୟାଳୟର ବଗିଚା କାର୍ଯ୍ୟରେ ନ ଲଗାଇବା ସହ ଶିକ୍ଷାଦାନରେ ପ୍ରାଧାନ୍ୟ ଦେବାକୁ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ରହିଥିବା ଶିକ୍ଷକମାନଂକୁ ବଦଳି କରିବା ସହ ଡେପୁଟେସନରେ ଶିକ୍ଷକମାନଂକୁ ଅନ୍ୟତ୍ର ନ ପଠାଇବାକୁ ସଦସ୍ୟମାନେ ଜିଲ୍ଲାପାଳଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁଗୋଳ ଜିଲ୍ଲାରେ ୧୫୨୧ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ, ୧୪୮ ସରକାରୀ ଅନୁଦାନ ପ୍ରାପ୍ତ ଓ ୨୨୧ ବେସରକାରୀ ବିଦ୍ୟାଳୟ ଅଛି । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ମ୍ୟାଲେରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାରେ ୧୧୫୬ଟି ଔଷଧ ବିତରଣ କେନ୍ଦ୍ର ରହିଛି । ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ୨୬୧ଟି ଗ୍ରାମରେ ହୋଇଚ୍ଛି । ସଭାରେ ସଦସ୍ୟମାନେ '୫ଟି' କୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଉପସ୍ଥିତି ଓ ଔଷଧ ବିତରଣ ସଠିକ୍ ଭାବରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ସ୍ୱାସ୍ଥ୍ୟ ବିଭାଗର ଡେଂଗୁ ନିରାକରଣ କାର୍ଯ୍ୟକ୍ରମ , ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପରିବର୍ତ୍ତୀତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ , ଜନନୀ ସୁରକ୍ଷା , ଏ ଆର ଟି ସେଣ୍ଟର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । କୃଷି ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ସାର, ବିହନ, କୀଟନାଶକ ଔଷଧ ବିତରଣ ସମ୍ପର୍କରେ ସଭାରେ ଆଲୋଚନା ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ସଭାରେ ଜିଲ୍ଲାପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷାଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



ଜିଲ୍ଲା ପରିଷଦ ଅନୁଗୋଳର ୫୦ ତମ
ସାଧାରଣ ବୈଠକ
ତା- ୧୮.୧୨.୨୦୧୯
ସ୍ଥାନ- ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ




ଜିଲ୍ଲା ପରିଷଦ ଅନୁଗୋଳର ୫୦ ତମ
ସାଧାରଣ ବୈଠକ